## ଦ୍ୱିତୀୟ ବିବାହ କରି ଜେଲ୍ ଗଲେ ଯୁବକ

ରେଢ଼ାଖୋଲ(ଡି.ଏନ.ଏ.): ଦ୍ୱିତୀୟ ବିବାହ କରିବା ଅଭିଯୋଗରେ ଗୁରୁବାର ରେଢ଼ାଖୋଲ ଥାନା ପୋଲିସ କନ୍ଧରା ଗ୍ରାମର ସଞ୍ଜୟ ବେହେରା(୩୦)ଙ୍କୁ ଗିରଫ କରିଛି। ପ୍ରଥମ ସ୍ତ୍ରୀ ଭାରତୀ ବେହେରାଙ୍କ ଅଭିଯୋଗକ୍ରମେ ଦଫା ୪୯୮ (କ), ୪୯୪, ୨୯୪, ୫୦୬ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ଆବେଦନ ଶୁଣାଣିକୁ ଏସ୍‌ଡିଜେଏମ୍ କୋର୍ଟ ଆସନ୍ତା ୯ ତାରିଖକୁ ଧାର୍ଯ୍ୟ କରିବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଭାରତୀଙ୍କ ଅଭିଯୋଗ ଅନୁସାରେ ୭ବର୍ଷ ତଳେ ସଞ୍ଜୟଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ତେବେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରି ବୁଧବାର ଘରକୁ ଆଣିବାରୁ ସେ ଏହାର ବିରୋଧ କରିଥିଲେ। ସଞ୍ଜୟ ତାଙ୍କୁ ମାଡ ମରିଥିଲେ।

# ଧାନ ସଂଗ୍ରହ ବ୍ୟବସ୍ଥିତ ନ ହେଲେ ଆନ୍ଦୋଳନ

**ସମ୍ବଲପୁର, ୩।୧୨(ବ୍ୟୁରୋ)**

- ମଣ୍ଡି ବୁଲିଲେ ପର୍ଯ୍ୟବେକ୍ଷକ
- ଚାଷୀଙ୍କ ସହ ଆଲୋଚନା କଲେ
- ଟୋକନ, ଧାନ ବିକ୍ରି ପରିମାଣ ବୃଦ୍ଧି ଦାବି



କୁଚିଣ୍ଡା ଉପଖଣ୍ଡରେ ଚାଷୀମାନେ ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା କରୁଛନ୍ତି ।

ପଶ୍ଚିମ ଓଡିଶାରେ ଖରିଫ ଧାନ ସଂଗ୍ରହରେ ଅବ୍ୟବସ୍ଥାକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୫ତାରିଖରେ ଚାଷୀ ସଙ୍ଗଠନ ଗୁଡିକ ରାସ୍ତାରୋକୋ ପାଇଁ ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ୧୧ଟି ଜିଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତି କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ଧାନ ସଂଗ୍ରହକୁ କିଭଳି ବ୍ୟବସ୍ଥିତ କରାଯିବ ସେ ନେଇ ରିପୋର୍ଟ ସଂଗ୍ରହ କରିବାକୁ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହି କ୍ରମରେ ସମ୍ବଲପୁର ଜିଲା ଦାୟିତ୍ୱରେ ଥିବା ସମବାୟ ରେଜିଷ୍ଟ୍ରାର ସୁଶାନ୍ତ ବାରିକ ଜିଲା ଗସ୍ତରେ ଆସି ଗୁରୁବାର ଚାଷୀଙ୍କ ସହ ଆଲୋଚନା କରିଛନ୍ତି। କୁଚିଣ୍ଡା ଉପଖଣ୍ଡରେ ଧାନ ସଂଗ୍ରହରେ ବିଶେଷ ସମସ୍ୟା ହେଉଥିବା ଅଭିଯୋଗ ହେବା ପରେ ସେ ଗୁଣ୍ଡୁରୁଟୁଆଁ ଓ କେନାଡ଼ିପା ମଣ୍ଡି ପରିଦର୍ଶନ କରିଥିଲେ। ଏହି ସମୟରେ ଡେପୁଟି ରେଜିଷ୍ଟ୍ରାର କୃଷ୍ଣଚନ୍ଦ୍ର ଦାଶ, ସମ୍ବଲପୁର ଡିଆର୍‌ସିଏସ୍ ଲିଙ୍ଗରାଜ ନାୟକ, ଏଆର୍‌ସିଏସ୍ ବୃନ୍ଦାବନ ଛତ୍ରିଆ, କୁଚିଣ୍ଡା ଏଆର୍‌ସିଏସ୍ ଭବାନୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଚାଷୀମାନେ ସେମାନଙ୍କ ସମସ୍ୟା ଉପରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ସେମାନେ ଟୋକନକୁ ଉପୁଜିଥିବା ସମସ୍ୟା ଉପସ୍ଥାପନ କରିଥିଲେ । ଯେଉଁ ଚାଷୀଙ୍କ ଧାନ ଅମଳ ହୋଇଛି ତାଙ୍କର ଟୋକନ ଆସି ନ ଥିବା ବେଳେ ସେମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଖୋଲା ଆକାଶ ତଳେ ଧାନ ପଡି ରହିଛି । କେତେକ ଚାଷୀଙ୍କ ଟୋକନରେ ଧାନକିଣା ତାରିଖ ବହୁ ବିଳମ୍ବ ରହିଛି। ସେହିପରି ଜଳସେଚିତ ଓ ଅଣଜଳସେଚିତ ଜମିରେ କ୍ରପ୍ କଟିଂ ରିପୋର୍ଟ ଅନୁସାରେ ଧାନ ବିକ୍ରି ପରିମାଣ ଧାର୍ଯ୍ୟ କରାଯାଇନାହିଁ । ଚଳିତ ବର୍ଷ ଭଲ ଧାନ ଅମଳ ହେଉଛି । ବଳକା ଧାନ ଚାଷୀମାନେ କିଭଳି ବିକ୍ରି କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା ହୋଇଛି ଏବଂ ରାଜ୍ୟ ସରକାରଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିବେ ବୋଲି ସମବାୟ ରେଜିଷ୍ଟ୍ରାର ବାରିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ମଣ୍ଡି ଗୁଡିକରେ ଅବ୍ୟବସ୍ଥା ଯୋଗୁ କୁଚିଣ୍ଡା ଅଞ୍ଚଳରେ ଧାନ ସଂଗ୍ରହ ହୋଇପାରୁନାହିଁ। ପ୍ରାୟ ୧ଲକ୍ଷରୁ ଅଧିକ ପ୍ୟାକେଟ ଧାନ ବିଭିନ୍ନ ମଣ୍ଡିରେ ପଡି ରହିଛି। ଏହାର ସୁଯୋଗ ନେଇ ବେପାରୀମାନେ ମଣ୍ଡିକୁ ଆସି ଧାନ କିଣିବାକୁ ଚେଷ୍ଟା କରୁଛନ୍ତି । କେତେକ ସ୍ଥାନରେ ବେପାରୀ ଓ ଚାଷୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି। ଏହାର ପ୍ରତିବାଦରେ ଆସନ୍ତା ୫ତାରିଖରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ରାସ୍ତାରୋକୋ ପାଇଁ ଘୋଷଣା କରାଯାଇଛି। ସରକାର ୪ ତାରିଖ ସୁଦ୍ଧା ଟୋକନ ଓ ଧାନ ବିକ୍ରି ପରିମାଣ ବୃଦ୍ଧି କରିବା ନେଇ ଘୋଷଣା ନ କଲେ ଆନ୍ଦୋଳନ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହି ଆଲୋଚନାରେ କୃଷଧ୍ୱଜ ଚୌଧୁରୀ, ସୁଶୀଲ କୁମାର ପଟେଲ, ପିଣ୍ଟୁ ନାୟକ, ବୀରେନ୍ଦ୍ର ପଟେଲ, ଗିରିଶ ଦେହୁରୀ, ଦିଲେଶ୍ୱର ନାୟକ, ସ୍ୱରମଞ୍ଜରୀ ନାୟକ, ବାସନ୍ତୀ ପଟେଲ, କିଶୋରୀ ଚୌଧୁରୀ, ଜୟନ୍ତୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଠେମରା ସମବାୟ ସମିତିରେ ମଧ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ଚାଷୀମାନେ ଅନୁରୂପ ଅଭିଯୋଗ କରିଥିଲେ। ବୈଠକରେ ଜିଲା କୃଷକ ସଙ୍ଗଠନ ସାଧାରଣ ସମ୍ପାଦକ ବ୍ୟୋମକେଶ ଠାକୁର, ଉପସଭାପତି ଉମେଶ ମିଶ୍ର, ଚନ୍ଦ୍ରଶେଖର ପଣ୍ଡା, ଗୋପରଞ୍ଜନ ପଣ୍ଡା, ଟଙ୍କଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### କୁଚିଣ୍ଡା ଲ୍ୟାମ୍ପ୍ସ ଫାଶିମାଲରେ ମିଳିତ ବୈଠକ

**କୁଚିଣ୍ଡା,୩।୧୨(ଡି.ଏନ.ଏ.):** ଫାଶିମାଲ ଲ୍ୟାମ୍ପ୍ସ ଅନ୍ତର୍ଗତ ଫାଶିମାଲ, ଗୁଣ୍ଡୁରୁଟୁଆଁ, ଧୁଡିପାଲି ଓ ସୁବର୍ଣ୍ଣପାଲି କୃଷକ ସଙ୍ଗଠନମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷକ ସଙ୍ଗଠନର ସଭାପତି ଦୁଷ୍ମନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚାଷୀ ଓ ମିଲର୍ସଙ୍କ ମତାମତ ଉପରେ ଆଲୋଚନା ହୋଇଥିଲା । ଶେଷରେ ଠିକ୍ ମାନ ଥିବା ଧାନ ବିକ୍ରି ବେଳେ କଟ୍‌ନି ଛଟ୍‌ନି ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଗୁରୁବାରଠାରୁ ଧାନ ଉଠିବା ପାଇଁ ମିଲରମାନେ ସ୍ୱୀକୃତି ପ୍ରଦାନ କଲେ । ବର୍ତ୍ତମାନ ଗୁଣ୍ଡୁରୁଟୁଆଁ ମଣ୍ଡିରେ ୮୬ ଜଣ ଚାଷୀଙ୍କ ୧୦ ହଜାର ୮ ପ୍ୟାକେଟ୍ ଧାନ ଅଛି ।

### ଜୟ୍ କିଷାନ ଆନ୍ଦୋଳନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୩।୧୨:** ବଲାଙ୍ଗୀର ଜିଲା ଜୟ୍ କିଷାନ ଆନ୍ଦୋଳନ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବୁଧବାର ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଫ୍‌ଏକ୍ୟୁ ବାହାନାରେ ମଣ୍ଡିରେ ଚାଷୀଙ୍କ ଧାନ କଟନି ଛଟନି ବନ୍ଦ କରିବା, ମାନ ନିର୍ଦ୍ଧାରଣରେ ମିଲର୍ସଙ୍କୁ ସମ୍ପୃକ୍ତ ନ କରିବା, ଡିସେମ୍ବର ଶେଷ ସୁଦ୍ଧା ସମସ୍ତ ଚାଷୀଙ୍କ ଟୋକନ୍ ବ୍ୟବସ୍ଥା ଶେଷ କରିବା ଦାବି ଉପସ୍ଥାପନ କରାଯାଇଥିଲା । ଜିଲା ଆବାହକ ମଣ୍ଡଳୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଜଗନ୍ନାଥ ପ୍ରସାଦ ମହାଣା, ସତ୍ୟ ବନଛୋର, ପ୍ରଦେଶୀ ବିଶ୍ୱାଳ, ମଧୁସୂଦନ କ୍ଷେତ୍ର ଜିଲାପାଳ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରିଙ୍କୁ ଦାବିପତ୍ର ଦେଇଥିଲେ ।

### ବାଇକ ଧକ୍କାରେ ମା, ଝିଅ ଗୁରୁତର

**ବଲାଙ୍ଗୀର ଅଫିସ, ୩।୧୨:** ବଲାଙ୍ଗୀର ସହର ପାଟଣାଗଡ ରାସ୍ତା ୪୨ନମ୍ବର ରାଜ୍ୟ ରାଜପଥର ଗୋଶାଳା ନିକଟରେ ରାସ୍ତା ପାରି ହେବାବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ (ନଂ.ଓଡି୦୩ଏସ୍୯୪୨୮) ଧକ୍କା ଦେବାରୁ ମା, ଝିଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୁଇଁତଲା ଥାନା ରଣ୍ଡା ଗାଁର କୌଶଲ୍ୟା ମହାନନ୍ଦ (୫୦) ଓ ତାଙ୍କ ଝିଅ ଗୌରୀ ମହାନନ୍ଦ (୨୫) । ଆହତଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ବାଇକ ଆରୋହୀଙ୍କୁ କାବୁ କରିଥିଲେ। ଟାଉନ୍ ଥାନା ପୋଲିସ ବାଇକକୁ ଜବତ କରିବା ସହ ଯୁବକଙ୍କୁ ଥାନାକୁ ନେଇଥିଲେ ।

### ବୁର୍ଡାରୁ ବୀରମହାରାଜପୁରକୁ ବସ୍‌ସେବା ଆରମ୍ଭ

**ଲୋଇସିଂହା,୩।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବୁର୍ଡା ଛକରୁ ସୁବର୍ଣ୍ଣପୁର ଜିଲା ମେଣ୍ଡା-ସୋନପୁର ଭାୟା ଦେଇ ବୀରମହାରାଜପୁରକୁ ବସ୍ ସେବା ଗୁରୁବାର ପ୍ରଥମ ଥର କରି ଆରମ୍ଭ ହୋଇଛି। ମା'ଭବାନୀ ନାମକ ଏକ ବସ୍(ଓଡି୦୫ଏସ ୪୦୦୩)ଉକ୍ତ ରୁଟ୍‌ରେ ଚଳାଚଳ କରିଛି । ସକାଳ ୬ଟା ୫୦ରୁ ଉକ୍ତ ବସ୍ ବୁର୍ଡା ଛକରୁ ଗନ୍ତବ୍ୟ ସ୍ଥଳକୁ ଯିବ । ପୁଣି ଅପରାହ୍ନ ୩ଟାରୁ ପ୍ରତ୍ୟାବର୍ତ୍ତନ କରିବ। ବଲାଙ୍ଗୀର ଜିଲା ଲୋଇସିଂହା, ଆଗଲପୁର ଓ ସୁବର୍ଣ୍ଣପୁର ଜିଲା ଆଭ୍ୟନ୍ତରୀଣ ଗାଁର ଲୋକେ ବସ୍‌ସେବାର ସୁବିଧା ପାଇପାରିବେ ।

### ନକ୍‌ଆଉଟ୍ କ୍ରିକେଟ ପ୍ରତିଯୋଗିତା

**ବ୍ରଜରାଜନଗର,୩।୧୨ (ଡି.ଏନ.ଏ.):** ସ୍ଥାନୀୟ ରାଜପୁର କ୍ରିକେଟ ପଡ଼ିଆରେ ଚତୁର୍ଥ ନକ୍‌ଆଉଟ୍ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚ ଜୟବୁଡା ଓ ମଧୁବନ ନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜୟବୁଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୯୫ ରନ କରିଥିଲା । ଜବାବରେ ମଧୁବନ ନଗର ୮୪ ରନ କରି ହାରି ଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତି ସଭ୍ୟ ଗଣେଶରାମ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନେତାଜୀ କ୍ଲବ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସିଙ୍କୁ ପାଢୀଯୋଶୀ, ପ୍ରତାପ ରାଉତ, ଗୁଣ ପ୍ରଧାନ, ଲବ ପାଢୀଯୋଶୀ, ରୋଶନ ମେହେର, ଦିବ୍ୟ କିଷାନ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

## ମହିଳାଙ୍କ ମୃତଦେହ ଜବତ: ହତ୍ୟା ଅଭିଯୋଗ

**ମନମୁଣ୍ଡା, ୩।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଲୋକାପଡା ଗ୍ରାମରୁ ପୋଲିସ ଗୁରୁବାର ଜଣେ ବିବାହିତା ମହିଳାଙ୍କ ମୃତଦେହ ଉଦ୍ଧାର କରିଛି । ମୃତା ମହିଳା ହେଲେ ମୁକେଶ ପ୍ରଧାନଙ୍କ ସ୍ତ୍ରୀ ରଶ୍ମିତା (୨୬)। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଜଣେ ବ୍ୟକ୍ତି ସକାଳ ୬ଟା ବେଳେ ରଶ୍ମିତାଙ୍କ ମୃତ୍ୟୁ ଘଟିଥିବା ଖବର ତାଙ୍କ ବାପା ବଲାଙ୍ଗୀର ଜିଲା ପୁଇଁତଲା ଥାନା ଲୋକାପଡାର ସମ୍ବାରୁ ପ୍ରଧାନଙ୍କୁ ଜଣାଇଥିଲେ । ଏହାର ଅଧ ଘଣ୍ଟା ପରେ ମୁକେଶ ରଶ୍ମିତା ବିଷ ଖାଇ ଆତ୍ମହତ୍ୟା କରିଛି ବୋଲି ସମ୍ବାରୁଙ୍କୁ କହିଥିଲେ । ପୂର୍ବରୁ କୌଣସି କାରଣରୁ ପରିବାରରେ ଅଶାନ୍ତି ଲାଗି ରହିଥିଲା । ବୁଧବାର ରାତିରେ ରଶ୍ମିତାଙ୍କୁ ଶାଶୁଘର ଲୋକେ ଗାଳିଗୁଲଜ କରିବା ସହ ପାଟିତୁଣ୍ଡ କରିଥିଲେ । ଏ ନେଇ ସେ ବାପାଙ୍କୁ ଫୋନରେ ଜଣାଇଥିଲେ । ତେଣୁ ତାଙ୍କ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସମ୍ବାରୁ ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଆଇପିସି ଧାରା ୩୦୨ରେ ଏକ ମାମଲା (ନଂ ୧୭୩) ରୁଜୁ କରି ତଦନ୍ତ ଜାରି ରଖିଛି । ପ୍ରକାଶଥାଉ କି ରଶ୍ମିତା ୮ ବର୍ଷ ହେବ ବିବାହ କରିଥିବା ବେଳେ ନିଃସନ୍ତାନ ଥିଲେ ।

# ହୋଇନି ଚେକ୍‌ଡ୍ୟାମ କାମ, ବିଲ୍ ଉଠିଛି

**ଲୋଇସିଂହା, ୩।୧୨(ଡି.ଏନ.ଏ.)**



ଭାଜପା କର୍ମକର୍ତ୍ତା ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଭିଜିଲାନ୍ସ ତଦନ୍ତ ଦାବି କଲା ଭାଜପା**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ପଞ୍ଚାୟତରେ ଚେକ୍‌ଡ୍ୟାମ ନିର୍ମାଣରେ ଦୁର୍ନୀତି ହୋଇଛି। ବିନା କାମରେ ୮ ଲକ୍ଷ ୨୦ହଜାର ଟଙ୍କା ଆତ୍ମସାତ୍ କରାଯାଇଥିବା ଗ୍ରାମବାସୀ ବିଧାୟକ ମୁକେଶ ମହାଲିଙ୍ଗଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ସ୍ଥାନୀୟ ଭାଜପା ମଣ୍ଡଳ ଦୁର୍ନୀତିର ତଦନ୍ତ ଲାଗି ବିଡିଓ ରାମଚନ୍ଦ୍ର ଖାଡିଆ ଓ ଭିଜିଲାନ୍ସ ବିଭାଗ ନିକଟରେ ଗୁରୁବାର ଫେରାଦ ହୋଇଛନ୍ତି।

ବ୍ଲକ ପ୍ରଶାସନର ଚିଠି ସଂଖ୍ୟା ୪୦୬୧/ତା ୬।୧୨।୨୦୧୮ରେ ବିଡିଓ ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ ନିର୍ଦ୍ଦେଶକଙ୍କୁ ଦେଇଥିବା ପତ୍ର ମୁତାବକ ୨୦୧୧-୧୨ ଆର୍ଥିକ ବର୍ଷରେ ଏମ୍‌ଆଇ ଡିଭିଜନ ପକ୍ଷରୁ ଆଇଏପି, ଏସିପି ପାଣ୍ଠିରୁ ବ୍ଲକରେ ୧୦ଟି ଚେକ୍‌ଡ୍ୟାମ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ସେଥିରୁ ୮ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୨ଟି ପ୍ରକଳ୍ପ ବାକି ପଡି ରହିଥିଲା। ରତାଖଣ୍ଡି ପଞ୍ଚାୟତର ଦଣ୍ଡପାଣି ଗାଁରେ ଥିବା ଏକ ଯୋରରେ ୯ ଲକ୍ଷ ୭୫ ହଜାର ଓ କୁଶଙ୍ଗ ପଞ୍ଚାୟତର ପିପିଲି ଗାଁର କୁଶଙ୍ଗାଇ ଯୋର ଉପରେ ୮ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା ଚେକ୍‌ଡ୍ୟାମ କାମ ହାତକୁ ନିଆଯାଇଥିବା ବିଡିଓ ଉକ୍ତପତ୍ରରେ ଜଣାଇଥିଲେ। ତେବେ ପିପିଲି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଯୋରରେ କୌଣସି ଚେକ୍‌ଡ୍ୟାମ କାମ କରାଯାଇନାହିଁ। ତେବେ ୨୦୨୦ ଅଗଷ୍ଟ ୧୪ ସୁଦ୍ଧା ସମ୍ପୂର୍ଣ୍ଣ ବିଲ୍ ଉଠି ସାରିଛି। ବିନା କାମରେ ଟଙ୍କା ଉଠିଯାଇଥିବା ଜାଣିଲା ପରେ ଗ୍ରାମବାସୀ ବିଧାୟକ ମହାଲିଙ୍ଗଙ୍କ ନିକଟରେ ଫେରାଦ ହୋଇଛନ୍ତି। ପରେ ଭାଜପା ମଣ୍ଡଳ ସଭାପତି ସରୋଜ ସାହୁଙ୍କ ନେତୃତ୍ୱରେ ଗୌରାଙ୍ଗ ନାଏକ, ଭୂତାନ ନାଏକ, ରାଜୁ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ବ୍ଲକ ଅଫିସକୁ ଯାଇ ବିଡିଓଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରକାଶ କୁମାର ସେଠୀଙ୍କୁ ପଚାରିବାରୁ ଭାଜପାର ଅଭିଯୋଗ ପରେ ତଦନ୍ତ ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ୪ କୋଟି ବ୍ୟୟରେ ନିର୍ମାଣ ହେବ ଅଡିଟୋରିୟମ୍

**କାମ ଆରମ୍ଭ ପାଇଁ ୧କୋଟି ମଞ୍ଜୁର**

**ବଲାଙ୍ଗୀର ଅଫିସ,୩।୧୨**

ବଲାଙ୍ଗୀରର ଐତିହାସିକ ଲିଟେରାରି ଆଣ୍ଡ ସୋସିଆଲ(ଏଲ୍ ଆଣ୍ଡ ଏସ୍) କ୍ଲବ ପରିସରରେ ୪ କୋଟି ଟଙ୍କା ବ୍ୟୟରେ ଏକ ଅଡିଟୋରିୟମ ନିର୍ମାଣ ହେବ। ଏଥିପାଇଁ ୧କୋଟି ଟଙ୍କା ମଞ୍ଜୁର ହୋଇଛି। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଅଡିଟୋରିୟମ୍‌ର ସବିଶେଷ ପ୍ରକଳ୍ପ ରିପୋର୍ଟ ସହ ଏହାର ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ଅନୁରୋଧ କରିଥିଲେ।ଏହି ପ୍ରକଳ୍ପକୁ ବୁଧବାର ଅନୁମୋଦନ କରାଯାଇ ପ୍ରଥମ ପର୍ଯ୍ୟାୟରେ ନିର୍ମାଣ କାମ ଆରମ୍ଭ କରିବା ପାଇଁ ୧କୋଟି ଟଙ୍କାର ଅର୍ଥ ମଞ୍ଜୁର କରାଯାଇଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟରୁ ଏ ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଚିଠି କରାଯାଇଛି। ଉକ୍ତ ଚିଠିରେ କ୍ଲବର ଜମି ସଂକ୍ରାନ୍ତ ରେକର୍ଡ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରକ୍ରିୟା ଉପରେ ଅବଗତ କରିବାକୁ ଜିଲାପାଳଙ୍କୁ କୁହାଯାଇଛି। ଏହି ଅଡିଟୋରିୟମରେ ୫୦୦ରୁ ୭୦୦ ଲୋକଙ୍କ ପାଇଁ ଚୌକି ବ୍ୟବସ୍ଥା ସହ ନାଟକ, ସଭାସମିତି ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ପ୍ରାରମ୍ଭିକ ଆକଳନ ଅନୁସାରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ୪କୋଟି ଟଙ୍କା ବ୍ୟୟବରାଦ ରଖାଯାଇଥିବା ବେଳେ ଆବଶ୍ୟକ ପଡିଲେ ଏଥିପାଇଁ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟବସ୍ଥା କରାଯିବ। ଏହି ଅତ୍ୟାଧୁନିକ ଅଡିଟୋରିୟମ ପାଇଁ ଯେମିତି ଆଗକୁ ଆଉ ୬କୋଟି ଟଙ୍କା ମିଳିପାରିବ ସେନେଇ ଉନ୍ନୟନ କମିଶନରଙ୍କ ସହ ଆଲୋଚନା ଚାଲିଛି ବୋଲି ବିଧାୟକ ମିଶ୍ର କହିଛନ୍ତି।

## ରାସ୍ତାକଡରୁ ବାଇକ୍ ସହ ମିଳିଲା ମୃତଦେହ

**ଖପ୍ରାଖୋଲ, ୩।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଯୁନାନିବାହାଲ ବାଗଝରନ୍ ରାସ୍ତାକଡରୁ ଗୁରୁବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତଦେହ ନିକଟରେ ଏକ ବାଇକ ପଡି ରହିଛି। ମୃତକ ହେଲେ ନାନ୍ଦୁପଲା ଗାଁର ଆସଲାଲ ବେହେରା (୫୧)। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ.୨୩୭/୨୦)ରୁଜୁ ହୋଇଛି। ଭାରସାମ୍ୟ ହରାଇବା ପରେ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ ବୋଲି ପୋଲିସ କହିଛି।

## ଗୋଣ୍ଡୱାନା ଗୋଣ୍ଡ ସମାଜ ପକ୍ଷରୁ ଦାବିପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା କର୍ମକର୍ତ୍ତାମାନେ

**ବିନିକା,୩।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ସମାଜ ପକ୍ଷରୁ ଗୁରୁବାର ଜିଲାପାଳ ମୋନୀଷା ବାନାର୍ଜୀ ଏବଂ ସୋନପୁର ବିଡିଓଙ୍କୁ ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ କମିଶନ ଶୀଘ୍ର ଗଠନ, ରାଜ୍ୟର ସମସ୍ତ ମାଡା ଗ୍ରାମ ଓ ମାଡା ଗ୍ରାପକୁ ଟିଏସ୍‌ପିରେ ଅନ୍ତର୍ଭୁକ୍ତ କରିବା, ଗୋଣ୍ଡୱାନା ଇତିହାସକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା, ନକଲି ଆଦିବାସୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ , ଆଧୁନିକ କମ୍ପ୍ୟୁଟରୀକରଣ ଶିକ୍ଷା ପ୍ରଦାନ ପାଇଁ ଭିତ୍ତିଭୂମି ସୃଷ୍ଟି କରିବା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରମାନଙ୍କ ଷ୍ଟାଇପେଣ୍ଡକୁ କମାଇ ଦିଆ ଯାଇଥିବା ବିଜ୍ଞପ୍ତିକୁ ରଦ୍ଦ କରାଯାଉ ଆଦି ଦାବି ଉଲ୍ଲେଖ ରହିଛି । ଗୋଣ୍ଡ ସମାଜ ସମିତି ସଭାପତି ବିରାଜ ଭୁଏ ଓ ବ୍ଲକ ସଭାପତି ବରୁଣ ଧରୁଆଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କର୍ମକର୍ତ୍ତା ଜୟକୃଷ୍ଣ ଭୁଏ, ଜଗନ୍ନାଥ ଭୋଇ, ରାନୁ ଭୋଇ, ରିଙ୍କୁ ଭୋଇ, ଚଇତନୁ ପୁଟା, ଦୁର୍ଯ୍ୟୋଧନ ଧରୁଆ, ଉପିନ୍ଦ୍ର ଭୁଏ, ଶେଷଦେବ ଭୋଇ, ବଶିଷ୍ଟ ପତିକା, କୁଞ୍ଜବିହାରୀ ଧରୁଆ ଓ ରାଜମୋହନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଙ୍ଗନୱାଡି କର୍ମୀଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

**ତରବୋଡ, ୩।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ କେନ୍ଦୁମୁଣ୍ଡା ଗ୍ରାମପଞ୍ଚାୟତ ଡୋଙ୍ଗିରିଖୋଲ ଗ୍ରାମର ଅଙ୍ଗନୱାଡି କର୍ମୀ ଉର୍ମିଳା ସୁନାନୀଙ୍କୁ ଆକ୍ରାମଣ ଘଟଣାରେ ସିନାପାଲି ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କ୍ଷିରସିନ୍ଧୁ ହଂସ, ପାନ ହଂସ ଓ ନମିତା ଗହିର । ଅଭିଯୁକ୍ତମାନେ ଫେରାର ଥିବାବେଳେ ପୋଲିସ ରାତ୍ରିରେ ସେମାନଙ୍କ ଘରୁ ଗିରଫ କରିଥିଲା । ସୂଚନା ଯୋଗ୍ୟଯେ, ଉର୍ମିଳା ସୁନାନୀଙ୍କୁ ସଂଘବଦ୍ଧ ଭାବେ ଆକ୍ରାମଣ କରି ଲହୁଲୁହାଣ କରିଥିଲେ । ଏ ନେଇ ସିନାପାଲି ଥାନାରେ ଗତ ୨୫ ତାରିଖରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୪୪ /୨୦) ରୁଜୁ କରି ତଦନ୍ତ ଚଳାଇଥିଲା ।

## ଉଠାଉ ନାହାନ୍ତି ମିଲର୍ସ, ମଣ୍ଡିରେ ପଡିରହିଛି ଧାନ

**ଦେଓଗାଁ,୩।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ପ୍ୟାକ୍ସରେ ଧାନକିଣା ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ଧାନ କଟନିଛଟନି ନ ଛିଣ୍ଡିବାରୁ ଆଜକୁ ୮ ଦିନ ହେଲା ମଣ୍ଡିରେ ଟ୍ୟାଗ ହୋଇଥିବା କୌଣସୀ ମିଲର୍ସ ଧାନ ଉଠାଉ ନାହାନ୍ତି। ଏଥିଯୋଗୁଁ ମଣ୍ଡିରେ ୧୭ଟି ଚାଷୀଙ୍କ ୨୬୩୦ ବସ୍ତାଧାନ ପଡିରହିଛି । ପ୍ରାୟ ଚାଷୀଙ୍କ ଧାନ ନନ ଏଫଏକ୍ୟୁ ବାହାରୁଥିବା ଦର୍ଶାଇ କ୍ରୟ କରାଯାଉ ନ ଥିବା ବେଳେ କୁଇଣ୍ଟାଲ ପ୍ରତି ୫ରୁ ୬ କେଜି କଟନି କରିବା ଚକ୍ରାନ୍ତରେ ମିଲର୍ସ ଧାନ ଉଠାଉ ନ ଥିବା ଭାରତୀୟ କିଷାନ ସଂଘ ଅଭିଯୋଗ କରିଛି। ମିଳିଥିବା ସୂଚନାନୁସାରେ ଏହି ପ୍ୟାକ୍ସରେ ଗତ୨୫ ତାରିଖ ଧାନମଣ୍ଡି ଆରମ୍ଭ ହୋଇଥିବା ବେଳେ ୮୪ ଜଣଙ୍କ ଟୋକନ ଆସିଛି । ଧାନକ୍ରୟ ପାଇଁ ଆଦିଶକ୍ତି ରାଇସ୍‌ମିଲ, ଜୟ ହନୁମାନ, ବିକାଶ, ଲୋକନାଥ, ସମଲେଶ୍ୱରୀ ଓ ନାରାୟଣୀ ରାଇସ୍ ମିଲ ଆଦି ୬ଟି ରାଇସ୍ ମିଲ ଟ୍ୟାଗ ହୋଇଛନ୍ତି। ପ୍ୟାକ୍ସକୁ ଏ ପର୍ଯ୍ୟନ୍ତ ୧୬ହଜାର ୨ଶହ କୁଇଣ୍ଟାଲ କ୍ରୟ କରିବା ଟାର୍ଗେଟ ରହିଛି । ହେଲେ ଧାନର ଏଫଏକ୍ୟୁ ମାନ ନିର୍ଦ୍ଧାରଣ ଓ କଟନୀ ଛଟନୀକୁ ନେଇ ଦ୍ୱନ୍ଦ୍ୱ ରହିଥିବାରୁ ଧାନକ୍ରୟରେ ବ୍ୟାଘାତ ଦେଖାଦେଇଛି। ପ୍ୟାକ୍ସ ସମ୍ପାଦକ ଜିତେନ୍ଦ୍ର ନାଗଙ୍କୁ ପଚାରିବାରୁ ଚାଷୀଙ୍କ ଧାନ ନନଏଫଏକ୍ୟୁ ବାହାରୁ ଥିବାରୁ ଧାନକ୍ରୟ ହୋଇପାରୁନାହିଁ, ମିଲର୍ସ ମଧ୍ୟ ଉଠାଉନାହାନ୍ତି । ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛୁ ବୋଲି ସେ କହିଛନ୍ତି ।



କୁତୁର୍ଲା ପ୍ୟାକ୍ସ ଗୋଦାମ ଗୃହରେ ବିକ୍ରି ନ ହୋଇ ପଡିରହିଥିବା ଚାଷୀଙ୍କ ଧାନ।

# ଭିମ୍‌ସାର ଲାଇବ୍ରେରି କମ୍ପ୍ଲେକ୍ସ ନିର୍ମାଣରେ ବିଳମ୍ବ

**ସମ୍ବଲପୁର,୩।୧୨(ବ୍ୟୁରୋ)**

- ଅନୁଦାନ ଅଛି, ଆନ୍ତରିକତା ନାହିଁ
- ବଢୁଛି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ
- ଖର୍ଚ୍ଚ ହେବ ୧୬ କୋଟି ଟଙ୍କା
- ମୁଖ୍ୟଶାସନ ସଚିବଙ୍କ ତାଗିଦ୍ ପରେ ପୂର୍ତ୍ତ ବିଭାଗ ଚୁପ୍



ସମ୍ବଲପୁର ବୁର୍ଲା ଭିମ୍‌ସାର ।

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ରିସର୍ଚ୍ଚ(ଭିମ୍‌ସାର)ରେ ଲାଇବ୍ରେରି କମ୍ପ୍ଲେକ୍ସ ନିର୍ମାଣ ହେବ ବୋଲି ଘୋଷଣା କରାଯାଇଥିଲା । ହେଲେ ଦିନ ପରେ ଦିନ ଗଡ଼ିଚାଲିଛି, ବିଳମ୍ବ ହେବାର କାରଣ ଜଣାପଡୁନାହିଁ। ଭିମ୍‌ସାର କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି। ଏପ୍ରିଲ ମାସରେ ୧ ହଜାର ସିଟ୍ ବିଶିଷ୍ଟ ଲାଇବ୍ରେରି କମ୍ପ୍ଲେକ୍ସ ନିର୍ମାଣ ପାଇଁ ଘୋଷଣା ହୋଇଥିଲା । ଏଥିପାଇଁ ପ୍ରାୟ ୧୬ କୋଟି ଟଙ୍କା ମଞ୍ଜୁର ହୋଇ ପଡି ରହିଛି। ହେଲେ କାମ ଆରମ୍ଭ ହୋଇ ପାରୁନାହିଁ। ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ପ୍ରଫେସରମାନେ ଏହାର ଲାଭ ଉଠାଇ ପାରୁନାହାନ୍ତି । ନିର୍ମାଣ କାମ ଆରମ୍ଭ କରାଯାଉ ବୋଲି ରେସିଡେଣ୍ଟ ଡାକ୍ତର ସଂଘ ସଭାପତି ସଞ୍ଜୀବ ମିଶ୍ର ଦାବି କରିଛନ୍ତି ।

ଡାକ୍ତର ମିଶ୍ର କହିଛନ୍ତି, ପୂର୍ବରୁ ଥିବା ଲାଇବ୍ରେରିରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର, ଡାକ୍ତରମାନେ ପଢିବାରେ ସମସ୍ୟା ହେଉଛି। ଭିମ୍‌ସାରରେ ପୂର୍ବରୁ ଏମ୍‌ବିବିଏସ୍‌ରେ ୫ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ଏବେ ତାହା ୧ ହଜାରରେ ପହଞ୍ଚିଛି। ସେହିପରି ପିଜି ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩୪୦ରେ ପହଞ୍ଚିଛି। କରୋନା ସମୟରେ ସ୍ଥାନ ଅଭାବ ଯୋଗୁ ପୁରୁଣା ଲାଇବ୍ରେରି ବନ୍ଦ କରାଯାଇଥିଲା। ଏଥିଯୋଗୁ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କୁ ସମସ୍ୟା ହେଉଥିଲା ବୋଲି ସେ କହିଛନ୍ତି । ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଲାଇବ୍ରେରି ନିର୍ମାଣ ଯୋଜନା ରହିଛି । ମୋ ଯୋଗଦାନ ପୂର୍ବରୁ ଏହି ପ୍ରକଳ୍ପ ପାଇଁ ଡିନ୍‌ଙ୍କ ଦ୍ୱାରା ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେଉଁ କାରଣରୁ ସେହି କାମରେ ବିଳମ୍ବ ଘଟିଛି, ତାହା ଦେଖିବାକୁ ପଡିବ ବୋଲି ସେ କହିଥିଲେ। ପୂର୍ତ୍ତ ବିଭାଗ ଏସ୍‌ଡିଓ ଶେଖ ମୁକ୍ତାର କହିଛନ୍ତି, ବ୍ୟୟ ଅଟକଳ ଅନୁସାରେ ନକ୍ସା ତିଆରି କରାଯାଇଛି। ଡିଏମ୍‌ଇଟିର ସ୍ୱୀକୃତି ପରେ ସରକାରଙ୍କ ପାଖକୁ ପଠାଯାଇଛି।

ସୂଚନାଯୋଗ୍ୟ, ଭିମ୍‌ସାରରେ ଲାଇବ୍ରେରିର ସମସ୍ୟାକୁ ନେଇ ଜୁନିୟର ଡାକ୍ତର ସଂଘ ପକ୍ଷରୁ ଦାବି କରାଯାଇଥିଲା । ୨୦୧୯ ଜୁଲାଇରେ ଭିମ୍‌ସାର ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଓ ନଭେମ୍ବରରେ ଅତିରିକ୍ତ ପ୍ରମୁଖ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରି ଜୁନିୟର ଡାକ୍ତର ସଂଘ କର୍ମକର୍ତ୍ତା ଆଲୋଚନା କରିଥିଲେ। ମନ୍ତ୍ରୀ ଓ ଅତିରିକ୍ତ ପ୍ରମୁଖ ଶାସନ ସଚିବ ମହାପାତ୍ର ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ହେଲେ ନିର୍ମାଣ କାମ ଆରମ୍ଭ ହୋଇ ନ ଥିଲା । ଚଳିତବର୍ଷ ଜାନୁୟାରୀରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ପୁଣିଥରେ ଏହି ଦାବି ଉଠିଥିଲା । ସେତେବେଳେ ପୂର୍ତ୍ତ ବିଭାଗକୁ ମୁଖ୍ୟ ଶାସନ ସଚିବ ତାଗିଦ୍ କରିଥିଲେ । ତଥାପି ସେହି କାମ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଲାଇବ୍ରେରି କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରାୟ ୧୬କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ୫ ମହଲା ବିଶିଷ୍ଟ ଏକ କୋଠା ନିର୍ମାଣ ହେବ। ସେଠାରେ ପାର୍କିଂ ବ୍ୟବସ୍ଥା ସହ ଲିଫ୍ଟ ରହିବ। ୧ ହଜାର ସିଟ୍‌ରେ ଛାତ୍ରୀଛାତ୍ର ଓ ଡାକ୍ତରମାନେ ବସି ପଢିବାର ସୁବିଧା ରହିବ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କଏଲ ଚୋରି

ଦେଓଗାଁ, (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଲୁହାଖାନ ଗାଁରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କଏଲ ଚୋରି ହୋଇଛି। ଏ ନେଇ ଗ୍ରାମବାସୀ ବନ୍ଧପଡା ଫାଣ୍ଡି ଓ ଚୂଡାପାଲି ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗତ ଶନିବାର କଏଲ ଚୋରି ପରଠାରୁ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ଏଣୁ ତୁରନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ସହ ଚୋରକୁ ଧରିବା ଦିଗରେ ପଦକ୍ଷେପ ନେବାକୁ ୱାର୍ଡସଭ୍ୟା ବିମଳା ଭାଟୀ, ସଂଯୁକ୍ତା ନନ୍ଦ ଆର୍ତ୍ତତ୍ରାଣ ଭାଟି, ସୁରେଶ ମହାନନ୍ଦ,ଶେଷଦେବ ନନ୍ଦ ପ୍ରମୁଖ ଦାବି ଜଣାଇଛନ୍ତି ।

# ଚାଷୀଙ୍କୁ କଟ୍‌ନୀ ଛାଟ

- ଧାନକିଣା ବନ୍ଦ ପାଇଁ ଧମକ
- ଟେଷ୍ଟିଂ ମେଶିନରେ ତ୍ରୁଟି ସନ୍ଦେହ

ସମ୍ବଲପୁର,୩।୧୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ଖରିଫ ଧାନ ସଂଗ୍ରହରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ଗୋଟିଏ ପଟେ ଟୋକନ ଅନ୍ୟପଟେ କଟ୍‌ନୀ ଛଟ୍‌ନୀକୁ ନେଇ ଚାଷୀଙ୍କ ସମସ୍ୟା ବଢିଯାଇଛି। ଆଦ୍ରତା, ପୋଲ ଓ ଡିସ୍‌କଲର ଆଳ କରି ମିଲର୍ସ ପ୍ରତି କୁଇଣ୍ଟାଲ ଧାନରେ ୫ରୁ ୮କେଜି କଟନୀଛଟନୀ କରୁଛନ୍ତି। ଏହାର ପ୍ରତିବାଦ କଲେ ସେମାନେ ଧାନ ନ କିଣିବାକୁ ଧମକ ଦେଉଥିବା ଅଭିଯୋଗ ହେଉଛି ।

ପ୍ରତିବର୍ଷ ଧାନ ସଂଗ୍ରହ ସମୟରେ ମଣ୍ଡି ଓ କ୍ରୟକେନ୍ଦ୍ର ଗୁଡିକ ମିଲର୍ସଙ୍କ କବ୍‌ଜାରେ ରହିଥାଏ। ଚଳିତ ଖରିଫ ଧାନ ସଂଗ୍ରହରେ ମଧ୍ୟ ସେଭଳି ପରିଲକ୍ଷିତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ମଣ୍ଡି କର୍ତ୍ତୃପକ୍ଷ ଧାନର ମାନ ଯାଞ୍ଚ କରିବା କଥା । କିନ୍ତୁ ଅଧିକାଂଶ ମଣ୍ଡିରେ ମିଲର୍ସ ଧାନର ମାନ ଯାଞ୍ଚ କରି ମନଇଚ୍ଛା କଟନୀ ଛଟନୀ କରୁଛନ୍ତି। କେତେକ ଜାଗାରେ ଧାନର ମାନ ପରୀକ୍ଷା କରିବା ମେଶିନରେ ତ୍ରୁଟି ରହୁଛି। କଟନୀ ଛଟନୀକୁ ନେଇ ଅଭିଯୋଗ କଲେ ମିଲର୍ସ ଧାନ ଫେରାଇ ନେବାକୁ ଧମକ ଦେଉଛନ୍ତି। ପ୍ରଶାସନ ମିଲର୍ସଙ୍କ ପାଖରେ ହାତ ଟେକିଛି ନା ମୁଣ୍ଡ ବିକିଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ଯେ, ଜିଲାର ସମସ୍ତ ମିଲର୍ସ କଟନୀ ଛଟନୀ କରୁଛନ୍ତି। ଚାଷୀ ବାଧ ହୋଇ ଧାନ ବିକ୍ରି କରୁଛନ୍ତି। ଧାନ ରଖିବା ପାଇଁ ଚାଷୀଙ୍କ ପାଖରେ ଭିତ୍ତିଭୂମି ନାହିଁ। ଅନ୍ୟପଟେ ଅଣ ଜଳସେଚିତ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ଭୟ ରହୁଛି। ତେଣୁ ଚାଷୀଙ୍କ ପାଖରେ ବେପାରୀମାନେ ପହଞ୍ଚି କମ୍ ଦରରେ ଧାନ କିଣୁଛନ୍ତି। ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜଣେ ମିଲ୍ ମାଲିକ କୁହନ୍ତି, ସରକାରଙ୍କ ନିୟମ ଅନୁସାରେ ଚାଷୀଙ୍କ ଧାନରେ ଏଫଏକ୍ୟୁ ମାନ ରହୁନାହିଁ। ଆଦ୍ରତା ମଧ ଠିକ୍ ରହୁନାହିଁ। ମାର୍କେଟ ଗୁଡିକରେ ହୋଇଥିବା ବୈଠକରେ ଧାନର ମାନ ଓ ଭଲ ଭାବେ ଶୁଖାଇ କରି ମଣ୍ଡିକୁ ଆଣିବାକୁ କୁହାଯାଇଛି। ହେଲେ ଚାଷୀମାନେ ସେଭଳି କରୁନାହାନ୍ତି। ଯାଞ୍ଚ କଲା ପରେ ଧାନର ମାନ ଠିକ୍ ବାହାରୁନାହିଁ ବୋଲି ଉକ୍ତ ମିଲ୍ ମାଲିକ କହିଥିଲେ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କୁ ପଚାରିବାରୁ ଆମ ପାଖରେ କଟନୀ ଛଟନୀକୁ ନେଇ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଯାଞ୍ଚ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ଚଳିତ ବର୍ଷ ପ୍ରାୟ ୩ ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି। ଧାନ ସଂଗ୍ରହରେ ୫୧ଟି ମିଲର୍ସ ଭାଗ ନେଇଛନ୍ତି । ସମବାୟ ସମିତି ଓ ଏସ୍‌ଏଚ୍‌ଜି ଦ୍ୱାରା ଧାନ ସଂଗ୍ରହ କରାଯାଉଛି ।

## ସଂକ୍ଷେପରେ

### ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଚୋରା କାଠ ଜବତ

ଭବାନୀପାଟଣା, ୩।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଉତ୍ତରବନଖଣ୍ଡ ଅଧୀନରେ ଥିବା ଜଙ୍ଗଲ ନିକଟ ଏକ ଗ୍ରାମରେ ଚଢାଉ କରି କଳାହାଣ୍ଡି ଉତ୍ତର ବନଖଣ୍ଡ ଜଙ୍ଗଲ ବିଭାଗ ବିପୁଳ ପରିମାଣର ଚୋରା କାଠ ଜବତ୍ କରିଛି। ଜବତ୍ କାଠଗୁଡିକର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଗତ ବୁଧବାରରେ କଳାହାଣ୍ଡି ଉତ୍ତରବନଖଣ୍ଡ ଡିଏଫ୍‌ଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ସଦର ରେଞ୍ଜରେ ଧୀମାନ୍ ଚକ୍‌ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦଳ ଭବାନୀପାଟଣା ବ୍ଲକ ମହିଜୋର ଗ୍ରାମରେ ଚଢାଉ କରିଥିଲା। ଚଢାଉ ବେଳେ ୨୧ଟି ଶାଳ କାଠଗଣ୍ଡି, ୫ଟି ଶାଗୁଆନ୍ କାଠ ଗଣ୍ଡି, କାଠ ପଟା ଓ ସାଇଜ୍ କାଠ ଜବତ୍ କରିଥିଲା।

### ବିଡିଓଙ୍କୁ ୧୪ଦଫା ଦାବିପତ୍ର ପ୍ରଦାନ

ଦେଓଗାଁ, ୩।୧୨(ଡି.ଏନ.ଏ): ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଓ ଜିଲା ଆଦିବାସୀ କଲ୍ୟାଣ ସଂଘ ତରଫରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ରୁଦ୍ରପ୍ରସାଦ ସୁନାଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ସୁଦାମ ଚରଣ ଭୋଇଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଡିଓ ସୁନାଙ୍କୁ ସାକ୍ଷାତ କରି ସଂଘର ଦାବି ଉପସ୍ଥାପନ କରିଥିଲେ। ପ୍ରମୁଖ ଦାବି ମଧରେ ରାଜ୍ୟରେ ଅନୁସୂଚିତ ଜନଜାତି କମିଶନ ଗଠନ, ରାଜ୍ୟର ସମସ୍ତ ଜିଲାରେ ଆଦିବାସୀମାନଙ୍କ ପାରମ୍ପରିକ ମୁକ୍ତ ଆକାଶ ମ୍ୟୁଜିୟମ ନିର୍ମାଣ, ଗୋଁଣ୍ଡୱାନା ଇତିହାସକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା, ନକଲି ଆଦିବାସୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ। ସଂଘ ଉପସଭାପତି ମହେନ୍ଦ୍ର ମଲ୍ଲିକ, ସମ୍ପାଦକ ସୁରଥ ଧରୁଆ, କୋଷାଧକ୍ଷ ଦାଶରଥି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

### ପରୀ ହତ୍ୟା ମାମଲା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗୀର ଅଫିସ,୩।୧୨: ପରୀ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ଗିରଫ ସହ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର ଦାବିରେ ବଲାଙ୍ଗୀର ଜିଲା କେଶରିଆ ହିନ୍ଦୁବାହିନୀ ପକ୍ଷରୁ ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମନ୍ତ୍ରୀ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ନଗର ସଭାପତି ତଥା ରାଜ୍ୟ ମହାମନ୍ତ୍ରୀ ସନ୍ତୋଷ ଭୋଳ, ନଗର ସଭାପତି ସନ୍ତୋଷ ସାହୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରୀ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣାକୁ ପୋଲିସ ଓ ସରକାର ଚାପି ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଥିଲେ। ସରକାର ଓ ପୋଲିସ ଉପରୁ ଆସ୍ଥା ହରାଇ ନିରୀହ ପରୀର ମାତାପିତାଙ୍କ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ ସତ୍ତ୍ୱେ ଅଭିଯୁକ୍ତମାନଙ୍କୁ ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ନାରାବାଜି କରିଥିଲେ ।

### ଖେଳ ପଡିଆ ପାଇଁ ଜମି ଦେବାକୁ ତହସିଲଦାରଙ୍କୁ ଦାବିପତ୍ର

ଅମରପାଲି, ୩।୧୨ (ଡି.ଏନ.ଏ.) : ବୀରମହାରାଜପୁର ବ୍ଲକ ଖଣ୍ଡହତାରେ ସରକାରୀ ଖେଳ ପଡିଆଟିଏ ନାହିଁ । ତେଣୁ କ୍ରୀଡାବିତମାନେ ଅଭ୍ୟାସ କରିବାରୁ ବଞ୍ଚିତ ହେଉଛନ୍ତି । ପଞ୍ଚଖଣ୍ଡା ସ୍ପୋର୍ଟିଂ କ୍ଲବର ସଦସ୍ୟମାନେ ପଡିଆ ନିର୍ମାଣ ପାଇଁ ଜମି ଯୋଗାଇ ଦେବାକୁ ବୀରମହାରାଜପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଗ୍ରାମରେ ପ୍ରାୟ ଶତାଧିକ କ୍ରୀଡାବିତ କ୍ରିକେଟ, ଫୁଟବଲ, ଟେନିସ, ବ୍ୟାଡମିଣ୍ଟନ ସହିତ ଅନେକ ଉଚ୍ଚଡିଆଁ, ଲମ୍ବଡିଆଁ, ଦୌଡ ଆଦି ଆଥେଲେଟ୍ ପାଇଁ ବିଭିନ୍ନ ସ୍ଥାନରେ ଅଭ୍ୟାସ କରିଥାନ୍ତି। କ୍ଲବ ସଭାପତି ରାଧେଶ୍ୟାମ ପାଣ୍ଡେ, ଗୋପୀନାଥ ପଧାନ, ରଞ୍ଜନ ବେହେରା, ହିମାଂଶୁ ରଣା, ଜଗନ୍ନାଥ ମାଝି, ସୁଶୀଲ ପାଣ୍ଡେ, ରାକେଶ କର୍ମୀଙ୍କ ସମେତ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ କ୍ରୀଡାବିତ ତହସିଲଦାରଙ୍କୁ ଜମି ଯୋଗାଇ ଦେବାକୁ ଦାବି କରିବା ସହିତ ଖେଳ ପଡିଆ ନିର୍ମାଣ ପାଇଁ ଆବଶ୍ୟକ ପାଣି ଯୋଗାଇ ଦେବାକୁ ବିଡିଓଙ୍କୁ ମଧ ଦାବିପତ୍ର ପ୍ରଦାନ କରିଛନ୍ତି । ତହସିଲଦାର ଖେଳ ପଡିଆ ପାଇଁ ଜମି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସେମାନେ ପ୍ରକାଶ କରିଛନ୍ତି ।

## ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ବିଫଳ



ବିସ୍ଥାପିତଙ୍କ ଧାରଣା ଜାରି ରହିଛି।

**ନବମ ଦିନରେ ବିସ୍ଥାପିତଙ୍କ ଧାରଣା**

ଖଡିଆଳ, ୩।୧୨ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟଠାରେ ବିସ୍ଥାପିତମାନଙ୍କ ବିଭିନ୍ନ ସମସ୍ୟା ନେଇ ଚାଲିଥିବା ଧାରଣା ଗୁରୁବାର ନବମ ଦିନରେ ପହଞ୍ଚିଛି। ଜିଲା ବିସ୍ଥାପିତ ସହାୟତା ସମିତି ଅନ୍ତର୍ଗତ ୧୦ଟି ଗ୍ରାମର ବିସ୍ଥାପିତମାନେ ଗତ ୯ ଦିନ ଧରି ଧାରଣାରେ ବସିଛନ୍ତି। ଗୁରୁବାର ବିସ୍ଥାପିତମାନଙ୍କ ସମସ୍ୟା ସମାଧାନ ନେଇ ଭୂଅର୍ଜନ ଅଧିକାରୀ ନନ୍ଦକିଶୋର ତାଣ୍ଡି, ନିର୍ବାହୀ ଯନ୍ତ୍ରୀ ପାଣି ବାବୁ, ନିର୍ବାହୀ ଯନ୍ତ୍ରୀ ଏସଏସ ଦାସ ପ୍ରମୁଖ ଧାରଣାସ୍ଥଳରେ ବିସ୍ଥାପିତମାନଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ କୌଣସି ସମାଧାନ ହୋଇପାରି ନ ଥିବା ଜଣାପଡିଛି। ନବମ ଦିନର ଆନ୍ଦୋଳନରେ ହର ମାଝି, ନୀଳକଣ୍ଠ ପ୍ରଧାନ, ଟିକେରାମ ମାଝି, ଯୋଗେନ୍ଦ୍ର ନାଥ, ବ୍ରଜରାଜ ଦଳ, ଦୁର୍ବା ଦଳ, ସୁର ବେହେରା, କିଶୋର ବେହେରା, ଜୟରାମ ମାଝି, ନବୀନ ପ୍ରଧାନ, ଦୁର୍ବାସା ସାହୁ, ହୃଷୀକେଶ ବେହେରା ସହ ବିସ୍ଥାପିତ ସହାୟତା ସମିତି ସଭାପତି ନିତ୍ୟନନ୍ଦ ପ୍ରଧାନ, ସମ୍ପାଦକ ଗୋପୀନାଥ ଗଉଡ, ଉପଦେଷ୍ଟା ଯଦୁମଣୀ ପାଣିଗ୍ରାହୀ ଓ ଅମରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତିର ତଦନ୍ତ ଦାବି

ବୌଦ୍ଧ,୩।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି । ବିଶେଷ କରି ହରଭଙ୍ଗା ଓ କଣ୍ଟାମାଳ ବ୍ଲକରେ ଏହି ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ହେରଫେର ହୋଇଛି । ଗୁରୁବାର ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭାଜପା କାର୍ଯ୍ୟାଳୟଠାରେ ଏକ ଖବରଦତା ସମ୍ମିଳନୀ ଅନୁଷ୍ଠିତ ହୋଇ ଏହାର ତଦନ୍ତ ଦାବି କରାଯାଇଛି । ଏଥିସହ ନୟାଗଡର କୁନି ଝିଅ ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ଓ କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ନ ହୋଇ ହିତାଧିକାରୀମାନଙ୍କ ନାମରେ ଟଙ୍କା ହଡପ କରାଯାଇଥିବା ଅଭିଯୋଗ କରାଯାଇଛି। ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ଏହାର ତଦନ୍ତ ଆରମ୍ଭ ହୋଇଥିବାରୁ ଏହାକୁ ଚାପିବା ପାଇଁ ସେମାନଙ୍କ ବଦଳି ଲାଗି ପ୍ରୟାସ ଆରମ୍ଭ ହୋଇଥିବା ସଭାପତି




ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।

ମହାନ୍ତି କହିଥିଲେ। କଣ୍ଟାମାଳ ବ୍ଲକ ପାଇଁ ଆସିଥିବା ଏଫଡିଆର ଅନୁଦାନ ୩ କୋଟି ୯୨ ଲକ୍ଷ ଟଙ୍କା ହଡପ କରାଯିବାକୁ ଯୋଜନା କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାମ କରାଯାଇ ଟଙ୍କା ହଡପ ଚାଲିଥିବା ଭାଜପା ଅଭିଯୋଗ କରିଛି। ସ୍ୱାସ୍ଥ୍ୟ,ଶିକ୍ଷା, ଗମନାଗମନ କ୍ଷେତ୍ରରେ ଜିଲା ପଛୁଆ ଥିବା ବେଳେ ଚାଷୀଙ୍କୁ ଉପଯୁକ୍ତ ସୁବିଧା ମିଳି ପାରୁନାହିଁ । ବୌଦ୍ଧ ସହରର ମାଷ୍ଟର ପ୍ଲାନ କାର୍ଯ୍ୟକାରୀ ହୋଇପାରୁନାହିଁ । ରେଳପ୍ରକଳ୍ପ ପାଇଁ ଜମି ହରାଉଥିବା ଲୋକେ ଉପଯୁକ୍ତ କ୍ଷତିପୂରଣ ପାଇ ପାରୁନାହାନ୍ତି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦୁର୍ନୀତିର ତଦନ୍ତ କରାଯାଇ ଯେ ପର୍ଯ୍ୟନ୍ତ ଜିଲାବାସୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରା ନ ଯାଇଛି ଭାଜପା ପକ୍ଷରୁ ଲଢେଇ କରାଯିବ ବୋଲି ମହାନ୍ତି ପ୍ରକାଶ କରିଥିଲେ । ଖବରଦାତା ସମ୍ମିଳନୀରେ ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ, ମନୋରଞ୍ଜନ ଦାସ, ପ୍ରେମାନନ୍ଦ ମିଶ୍ର, ସୁଶାନ୍ତ ବାଘ, ସତ୍ୟାନନ୍ଦ ପାଣ୍ଡେ, ଶ୍ୟାମସୁନ୍ଦର ପୁରୋହିତ ଓ ମହିଳା ସଭାନେତ୍ରୀ ନମିତାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ବର୍ଷରେ ଖୋଲିବ ଧାର୍ମିକ ଅନୁଷ୍ଠାନ

ସମ୍ବଲପୁର,୩।୧୨(ବ୍ୟୁରୋ)

ସମ୍ବଲପୁର ଜିଲାପାଳ ସମ୍ମିଳନୀ କକ୍ଷରେ ପ୍ରଶାସନ ଓ ଧାର୍ମିକ ଅନୁଷ୍ଠାନର ସଦସ୍ୟଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଶୁଭମ ସକସେନା ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ ବର୍ଷ ଜାନୁୟାରୀ ପହିଲା ସପ୍ତାହରେ ଧାର୍ମିକ ଅନୁଷ୍ଠାନ ଖୋଲାଯିବ ବୋଲି ସ୍ଥିର ହୋଇଥିଲା। ଡିସେମ୍ବରରେ ପର୍ଯ୍ୟଟକ ସମୟ, ତେଣୁ ଭିଡ ଅଧିକ ରହିବ। ଏହା ସହ ବଡଦିନ ପାଳନ, ନୂତନ ବର୍ଷ ପାଳନ ମଧ ରହିଛି। ଏହି ଦିନରେ ପ୍ରାର୍ଥନା କରିବା ପାଇଁ ପ୍ରବଳ ଭିଡ ହେଉଇଥାଏ। ତେଣୁ ଜାନୁୟାରୀ ୧ ତାରିଖ ପରେ ଯେ କୌଣସି ଦିନ ଖୋଲିପାରେ ବୋଲି ଆଲୋଚନା ହୋଇ ସର୍ବସମ୍ମିତି ପ୍ରକାଶ ପାଇଥିଲା। ଜିଲାପାଳ ଶୁଭମ ସକସେନା କହିଛନ୍ତି କରୋନା କଟକଣା ଯୋଗୁ ସମସ୍ତ ଧାର୍ମିକ ଅନୁଷ୍ଠାନଗୁଡିକ ବନ୍ଦ ରହିଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଏକ ବୈଠକ ହୋଇଥିଲା। ଏଥିରେ ଡିସେମ୍ବର ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ସ୍ଥିର ହୋଇଥିଲା। ଏବେ ଜିଲାରେ କୋଭିଡ ସଂକ୍ରମଣ ସଂଖ୍ୟା ଧୀରେ ଧୀରେ କମି ଯାଇଛି। ଡିସେମ୍ବର ଶେଷ ବେଳକୁ ପୂରା କମିଯିବ। ଧାର୍ମିକ ଅନୁଷ୍ଠାନ ଖୋଲିଲେ ମଧ ଭୟ ରହିବ ନାହିଁ ବୋଲି କହିଥିଲେ ।

## ପ୍ରତିଶ୍ରୁତି ପରେ ଓପିଜିସି ବିସ୍ଥାପିତଙ୍କ ଅନଶନ ପ୍ରତ୍ୟାହୃତ

ଲଖନପୁର,୩।୧୨(ଡି.ଏନ୍.ଏ)

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ଇବ୍ ତାପଜ ବିଦ୍ୟୁତ କେନ୍ଦ୍ର ଦ୍ୱାରା ବିସ୍ଥାପିତ ହୋଇଥିବା ଫଲସାମୁଣ୍ଡା ଗ୍ରାମର ଲକ୍ଷ୍ମଣ ପ୍ରଧାନ ନିଜର ହକ୍‌ପାଇଁ ପ୍ରକଳ୍ପ ମୁଖ୍ୟଫାଟକ ସମ୍ମୁଖରେ ପୂର୍ବସୂଚନା ମୁତାବକ ଗତ ବୁଧବାର ଆମରଣ ଅନଶନରେ ବସିଥିଲେ। ଖବରପାଇ ଜିଲା ପ୍ରଶାସନ ତରଫରୁ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ଓପିଜିସି ଅଧିକାରୀ ଅବନୀ ନାୟକ, ସନ୍ତୋଷ ସାହୁ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଇବ୍ ଥର୍ମାଲ ବିସ୍ଥାପିତ ଓ ଥଇଥାନ ସଂଗ୍ରାମ ସମିତି କର୍ମକର୍ତ୍ତାଙ୍କ ମଧ୍ୟରେ ବାସୁଦେବ ଭୋଇ, ରଘୁମଣି ପ୍ରଧାନ, ଯୋଗେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏସମ୍ପର୍କରେ ତହସିଲଦାର ପାଣ୍ଡେ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଆନ୍ଦୋଳନକାରୀଙ୍କୁ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟାନ୍ୟ ଦାବି ସମ୍ପର୍କରେ ଆଗାମୀ ଦିନରେ ଜିଲାପ୍ରଶାସନ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ଆଲୋଚନା କରାଯିବ ବୋଲି କୁହାଯାଇଛି। ତାପରେ ତହସିଲଦାର ପାଣ୍ଡେ ଆନ୍ଦୋଳନକାରୀଙ୍କୁ ଫଳରସ ପିଆଇ ଅନଶନରୁ ଉଠାଇଥିଲେ । ତାପରେ ରାତି ୮ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## ଜାଲ୍ କାଗଜପତ୍ରରେ ବିସ୍ଥାପିତଙ୍କ ୮ଲକ୍ଷ ଠକେଇ

ତରବୋଡ, ୩।୧୨ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଓ କୋମନା ବ୍ଲକର ମଧ ଭାଗରେ ନିର୍ମାଣାଧୀନ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ୪ ଜଣ ବିସ୍ଥାପିତଙ୍କ ୮ ଲକ୍ଷ ଟଙ୍କାର ଥଇଥାନ ରାଶି ବିଭାଗୀୟ ଅଧିକାରୀ ଓ ଦଲାଲମାନେ ଜାଲ କାଗଜପତ୍ର ଦର୍ଶାଇ ଠକିଥିବା ଅଭିଯୋଗ କରିଛନ୍ତି। ଗୁରୁବାର ଅପରାହ୍ନରେ କ୍ଷତିଗ୍ରସ୍ତ ବିସ୍ଥାପିତମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋମନା ବ୍ଲକ ପେଣ୍ଡରାବନ ଗ୍ରାମର ଭୁବନ ପୋଢ଼, ହରି ପୋଢ଼, ରୂପଧର ପୋଢ଼, ଧବଳେଶ୍ୱର ପୋଢ଼ଙ୍କ ଜମି ପ୍ରକଳ୍ପ ଗର୍ଭରେ ଚାଲି ଯାଇଥିଲା। ପ୍ରକଳ୍ପ ଅଧିକାରୀମାନେ ଥଇଥାନ ରାଶି ଆଜିକାଲି ବୋଲି କହି ଦିନ ଗଡାଇ ଚାଲିଥିଲେ। ୨୦୧୩ରେ ଏହି ଚାରି ଜଣ ବିସ୍ଥାପିତଙ୍କ ନାମରେ ଜାଲ କାଗଜପତ୍ର ଦର୍ଶାଇ ପ୍ରତ୍ୟେକଙ୍କ




୨ ଲକ୍ଷ ଲେଖାଏଁ ୮ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି। ଖବର ପାଇ ବିସ୍ଥାପିତମାନେ ଜିଲାପାଳ, ଏସପି, ପ୍ରକଳ୍ପ ନିର୍ଦ୍ଦେଶକ, ଭୂଅର୍ଜନ ଅଧିକାରୀ, ପୁନର୍ବାସ ଓ ଥଇଥାନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ କୌଣସି ଅଧିକାରୀ ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏବେ ତାଙ୍କର ଜମିରେ ପ୍ରକଳ୍ପ ଭିତରେ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ଏହାକୁ ବିରୋଧ କରିବାରୁ ଜିଲା ପ୍ରଶାସନ ଅଧିକାରୀମାନେ ଜୋର ଜବରଦସ୍ତି ତଡି ଦେଉଛନ୍ତି। ଶେଷରେ ଗୁରୁବାର କ୍ଷତିଗ୍ରସ୍ତ ବିସ୍ଥାପିତମାନେ ଜିଲା ପ୍ରଶାସନ ଦ୍ୱାରସ୍ଥ ହୋଇ ଜିଲାପାଳଙ୍କୁ ଲିଖିତ ଜଣାଇଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଆଗାମୀ ଦିନରେ ଜିଲାପାଳ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବୁ ବୋଲି ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ବଡମାଲରେ ରାସୋତ୍ସବ

ଉଲୁଣ୍ଡା, ୩।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତ ବଡମାଲଠାରେ କଇରୁବାବାଙ୍କ ରାସୋତ୍ସବ ସମ୍ପନ୍ନ ହୋଇଛି। କୋଭିଡ ନିୟମକୁ ପାଳନ କରି ନିତିକାନ୍ତିରେ ସମ୍ପନ୍ନ ହୋଇଛି। ବିହାରୀ ବର୍ଗର୍ତ୍ତି ପୂଜା କାର୍ଯ୍ୟ ତୁଲାଇଥିଲେ। ବାବାଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କୁ ବାରଣ କରାଯାଇଥିଲା। କମିଟି ସଭାପତି ସୁଧାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ସମ୍ପାଦକ ପ୍ରଦିପ ପୁରୋହିତ, ଉପସଭାପତି ବିଦେଶି ହୋତା, କୋଷାଧକ୍ଷ ନରେନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ସାରଦା ପୂଝାରୀ, ଦାମୋଦର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ମଦଦୋକାନ ମ୍ୟାନେଜରଙ୍କୁ ଆକ୍ରମଣ, ଟଙ୍କା ଲୁଟ୍

ଦେବଗଡ଼, ୩।୧୨(ଡି.ଏନ.ଏ)

ମଦ ଦେବାରେ ବିଳମ୍ବ ହେବାରୁ ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାରେ ଥିବା ବିଦେଶୀ ମଦ ଦୋକାନରେ ମଦ ବୋତଲ ଭାଙ୍ଗି ମ୍ୟାନେଜରଙ୍କୁ ମରଣାନ୍ତକ ଆକ୍ରମଣ କରିବା ଓ ନଗଦ ୧୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ଏକ ଲୁଟ୍ ମାମଲା ରୁଜୁ କରି ୨ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୨ଜଣ ଫେରାର ଥିବା ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାରକୋଟ (ଡଁରା)ର କୃଷ୍ଣଚନ୍ଦ୍ର ସାହୁ, ଗରଗଡବାହାଲ ଗ୍ରାମର କ୍ଷେତ୍ରବାସୀ ନାୟକ, ସୁନ୍ଦରଗଡ ଜିଲା ବଣାଇ ଥାନା ଅନ୍ତର୍ଗତ ଟେଣ୍ଡରା ଗ୍ରାମର ରାଜୀବ ଓ ଅନ୍ୟ ଜଣେ ଯୁବକ ମଙ୍ଗଳବାର ଅପରାହ୍ନରେ ବାରକୋଟ ବିଦେଶୀ ମଦ ଦୋକାନକୁ ଆସି ମଦ ମାଗିଥିଲେ। ମାତ୍ର ଦୋକାନ ମ୍ୟାନେଜର ଗୋପାଳ ଗୁପ୍ତା ଖାଉଥିବାରୁ ଅପେକ୍ଷା କରିବାକୁ ସେମାନଙ୍କୁ କହିଥିଲେ । ତେବେ ଯୁବକମାନେ ତାଙ୍କ କଥା ନ ଶୁଣି ଶୀଘ୍ର ମଦ ଦେବାକୁ ଜିଦ ଧରିବା ସହ ଗାଳିଗୁଲଜ କରିଥିଲେ। ମଦ ଦୋକାନ ମ୍ୟାନେଜର ଗୋପାଳ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିବା ବେଳେ ସେମାନେ ଗୋପାଳଙ୍କୁ ଆକ୍ରମଣ ପାଇଁ ଉଦ୍ୟତ ହୋଇଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ଏକ ବିୟର ବୋତଲ ଭାଙ୍ଗି ଉକ୍ତ ଭଙ୍ଗା ବୋତଲ ସାହାଯ୍ୟରେ ଗୋପାଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ମ୍ୟାନେଜର ଗୋପାଳଙ୍କର ମୁଣ୍ଡ, ଗାଲ ଓ ନାକ ଆଦିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଦୋକାନର କ୍ୟାଶ ଡ୍ରରୁ ମଧ ୧୫ ହଜାର ଟଙ୍କା ଲୁଟିନେଇଥିଲେ। ମଦ ଦୋକାନ କର୍ମଚାରୀ ଚିକିତ୍ସା ନିମନ୍ତେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ପୋଲିସକୁ ସୂଚନା ଦେଇଥିଲେ।

## ଶିକ୍ଷାବିତ୍ ନୀଳାଚଳ ମିଶ୍ରଙ୍କ ପରଲୋକ

ବଲାଙ୍ଗୀର ଅଫିସ/ପାଟଣାଗଡ, ୩।୧୨ (ଡି.ଏନ୍.ଏ.)

ଅବସରପ୍ରାପ୍ତ କଲେଜ ଅଧକ୍ଷ ତଥା ବିଶିଷ୍ଟ ସଂସ୍କୃତି ସଙ୍ଗଠକ ଡ. ନୀଳାଚଳ ମିଶ୍ର (୮୧)ଙ୍କ ଗୁରୁବାର ତାଙ୍କ ପାଟଣାଗଡ ବାସଭବନରେ ପରଲୋକ ଘଟିଛି। ତାଙ୍କର ଦୁଇପୁଅ, ବୋହୂ, ୩ ଝିଅ, ଜ୍ୱାଇଁ, ନାତିନାତୁଣୀ ଅଛନ୍ତି । ପାଟଣାଗଡ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡପୁଅ ଲକ୍ଷ୍ମୀକାନ୍ତ ମିଶ୍ର ମୁଖାଗ୍ନି ଦେଇଥିଲେ । ୧୯୩୯ ମସିହା ଏପ୍ରିଲ ୧୭ରେ ବଲାଙ୍ଗୀର ନିକଟ ଡୁଲଣ୍ଡିଠାରେ ଜନ୍ମଗ୍ରହଣ କରିଥିଲେ ଡା. ନୀଳାଚଳ ମିଶ୍ର। ୧୯୬୧ ମସିହାରୁ ବିଭିନ୍ନ ହାଇସ୍କୁଲରେ ଶିକ୍ଷକ ଓ ପ୍ରଧାନଶିକ୍ଷକଭାବେ କାର୍ଯ୍ୟ କରିବା ପରେ ୧୯୬୮ରେ ପାଟଣାଗଡ ଜବାହରଲାଲ ମହାବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଅଧାପକ ଭାବେ ଯୋଗଦେଇଥିଲେ। ୧୯୯୯ ମସିହାରେ ସେ ବେଲପଡା କଲେଜର ଅଧକ୍ଷ ଭାବେ ଅବସର ଗ୍ରହଣ କରିଥିଲେ। ସ୍ୱର୍ଗତ ଡ. ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିନେଟ୍, କଳା ଓ ଶିକ୍ଷା ବିଭାଗ, କଲେଜ ଉନ୍ନୟନ ପରିଷଦର



ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ବୋର୍ଡ ଅଫ୍ ଷ୍ଟଡିଜ୍ ଏବଂ କଣ୍ଡକ୍ଟିଂ ବୋର୍ଡ ଅଫ୍ ଏକ୍‌ଜାମିନର୍ସର ସଦସ୍ୟ ରହିଥିଲେ। ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ କାଳ ସେ ପାଟଣାଗଡ ସାଂସ୍କୃତିକ ପରିଷଦର ସଭାପତି ରହିଥିଲେ। ଏହା ସହିତ ରବିବାସରୀୟ ସାହିତଚକ୍ର, ପାଟଣେଶ୍ୱରୀ ସାହିତ୍ୟ ସଂସଦର ସଭାପତି ଏବଂ ଅଶୋକ ଚନ୍ଦନ ସ୍ମୃତି ସମିତିର ଉପସଭାପତି ରହିଥିଲେ। ଜଣେ ଉଚ୍ଚକୋଟୀର ସାହିତ୍ୟିକ ଓ ସଂସ୍କୃତି ଗବେଷକଭାବେ ତାଙ୍କର ସୁନାମ ରହିଥିଲା। ତାଙ୍କର ଉପାଦେୟ ଗବେଷଣାତ୍ମକ ସନ୍ଦର୍ଭ କାହ୍ନୁଚରଣଙ୍କ ଉପନ୍ୟାସର ଚରିତ୍ରାନୁଶୀଳନ ପ୍ରକାଶନ ଅପେକ୍ଷାରେ ରହିଛି।

## ବୌଦ୍ଧ ଜିଲାପାଳଙ୍କ ପୁରୁଣା କୋଠା ହେବ ସଂଗ୍ରହାଳୟ

**ରହିବ ଜିଲାର ପୁରାତନ କୀର୍ତ୍ତିରାଜି**

ବୌଦ୍ଧ,୩।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲାପାଳଙ୍କ ପୁରୁଣା କୋଠା ସଂଗ୍ରହାଳୟ ହେବାକୁ ଯାଉଛି । ଏଥିପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଛି। ତଦନୁଯାୟୀ ପ୍ରାଥମିକ କାମ ଆରମ୍ଭ ହୋଇଯାଇଛି । ଏହି ସଂଗ୍ରହାଳୟରେ ଜିଲାର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରା ସଂପର୍କିତ ବିଭିନ୍ନ ତଥ୍ୟ ଓ ସାମଗ୍ରୀ ସଂରକ୍ଷିତ ରଖିବାକୁ ବ୍ୟବସ୍ଥା କରାଯିବ । ଏଥିପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି । ବୁଦ୍ଧଙ୍କ ନାମରେ ନାମିତ ଏହି ଜିଲାରେ ସପ୍ତମ ଶତାବ୍ଦୀରେ ଭଞ୍ଜ ରାଜାଙ୍କ ଦ୍ୱାରା ନିର୍ମିତ ବିରଳ ଗନ୍ଧରାଡୀ ମନ୍ଦିର ଅଛି । ଏହାଛଡା ନବମ ଶତାବ୍ଦୀରେ ସୋମବଂଶୀଙ୍କ ଦ୍ୱାରା ନିର୍ମିତ ରାମେଶ୍ୱର ମନ୍ଦିର ପ୍ରାଚୀନ ଇତିହାସର ମୂକସାକ୍ଷୀ ଭାବେ ବିଦ୍ୟମାନ ରହିଛି। ଅନ୍ୟପକ୍ଷରେ ଯଦି କାହା ପାଖରେ କିଛି ପୁରାତନ କୀର୍ତ୍ତିରାଜି ଅଛି , ସେସବୁ ପ୍ରଶାସନକୁ ଦେବାକୁ ଜିଲାପାଳ ଅନୁରୋଧ କରିଛନ୍ତି । ଓଡିଶା ଇତିହାସରେ ପୁରାତନ ଗଡଜାତ ଅଞ୍ଚଳ ଭାବେ ବୌଦ୍ଧ ଜିଲାର ସ୍ୱତନ୍ତ୍ର ସ୍ଥାନ



ଜିଲାପାଳଙ୍କ ପୁରୁଣାକୋଠା।

ରହିଛି । ବହୁ ପ୍ରାଚୀନ କାଳରୁ ଏଠାରେ ସଭ୍ୟତା ବିକଶିତ ହୋଇଛି । ଏକଦା ୧୨୦ ବର୍ଗ ମାଇଲ ଅଞ୍ଚଳ ବ୍ୟାପ୍ତ ଥିବା ବୌଦ୍ଧ ଗଡଜାତ ରାଜ୍ୟ ଉଡ୍ର ମଣ୍ଡଳର ପ୍ରମୁଖ ସ୍ଥାନ ଥିଲା । ଏହି ଅଞ୍ଚଳ ପୁରାତନ କାଳରୁ କେତେବେଳେ ଯଯାତିନଗର ତ କେତେବେଳେ ଝାରଖଣ୍ଡ ନାମରେ ନାମିତ ହୋଇଛି । ପରବର୍ତ୍ତୀ ସମୟରେ ବୌଦ୍ଧ ନାମରେ ନାମିତ ହୋଇ ଅନେକ ପ୍ରାଚୀନ ଇତିହାସର ମୂକସାକ୍ଷୀ ପାଲଟିଛି। ୧୯୯୪ ଜାନୁୟାରୀ ୧ ତାରିଖରେ ବୌଦ୍ଧ ନୂତନ ଜିଲା ଭାବରେ ମାନ୍ୟତା ପାଇଥିଲା । ଜିଲା ଗଠନ ପରେ ଅନେକ ନୂତନ କାର୍ଯ୍ୟାଳୟ ଖୋଲାଯାଇଛି । ହେଲେ ରାଜାଙ୍କ କଚେରୀ ଭାବରେ ପରିଚିତ ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ତାର ସ୍ୱତନ୍ତ୍ରତା ଏବେ ବି ବଜାୟ ରଖିଛି। ଏହି ନାଲିକୋଠା ଆସନ୍ତା ମାସରେ ଶହେ ବର୍ଷ ପୂରଣ କରିବାକୁ ଯାଉଛି । ୧୯୨୧ରେ ତତ୍କାଳୀନ ରାଜାଙ୍କ ଦ୍ୱାରା ନିର୍ମିତ ଏହି କଚେରୀ କୋଠା ବୌଦ୍ଧ ଉପଖଣ୍ଡ ଗଠନ ସମୟରୁ ପ୍ରଶାସନିକ କୋଠା ଭାବରେ ମାନ୍ୟତା ପାଇଥିଲା। ଜିଲା ହେବା ପୂର୍ବରୁ ଉକ୍ତ କୋଠାରେ ଏସ୍‌ଡିଜେଏମ୍ କୋର୍ଟ , ଅନ୍ୟସବୁ ନ୍ୟାୟାଳୟ ଓ କାର୍ଯ୍ୟାଳୟ ଖୋଲା ଯାଇଥିଲା। ବୌଦ୍ଧ ଜିଲା ହେବା ପରେ ଏହି କୋଠା ଜିଲାପାଳଙ୍କ କାର୍ଯ୍ୟାଳୟ ଭାବରେ ପରିଚିତ ହୋଇଥିଲା। ଜିଲା ଗଠନର ୨୫ ବର୍ଷ ପୂର୍ତ୍ତି ଅବସରରେ ନୂତନ କୋଠାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇଥିଲା । କେତେକ କାର୍ଯ୍ୟାଳୟର ନିଜସ୍ୱ କୋଠା ହୋଇ ପାରି ନ ଥିବାରୁ ବାହାରେ ଭଡାରେ ଚାଲୁଥିବା କାର୍ଯ୍ୟାଳୟଗୁଡିକ ବର୍ତ୍ତମାନ ଏହି କୋଠାରେ କାର୍ଯ୍ୟ କରୁଛି।

ତେବେ ଏହି ଶତାୟୁ କୋଠା ଏବେ ନୂଆ ପରିଚୟରେ ପରିଚିତ ହେବାକୁ ଯାଉଛି। ନିକଟରେ ଅନୁଷ୍ଠିତ ଜିଲା ସଂସ୍କୃତି ପରିଷଦ ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ପୁରୁଣା କୋଠାକୁ ସଂଗ୍ରହାଳୟରେ ପରିଣତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଠାରେ କାର୍ଯ୍ୟ କରୁଥିବା ସରକାରୀ କାର୍ଯ୍ୟାଳୟଗୁଡିକ ତୁରନ୍ତ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ପ୍ରଶାସନର ଏହି କାର୍ଯ୍ୟକୁ ସାଧାରଣରେ ସ୍ୱାଗତ କରାଯାଇଛି।

